# ଧାନ ଫସଲରେ ମାଟିଆଗୁଣ୍ଡି ପୋକର ସମନ୍ୱିତ ପରିଚାଳନା




**ଶ୍ରୀ ସମରେନ୍ଦ୍ର ବରାଳ**

ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

**ଡ଼ଃ ସଞ୍ଜୀୟ କୁମାର ମହାନ୍ତି**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



## କୃଷି ବିଜ୍ଞାନ କେନ୍ଦ୍ର, ପୁରୀ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

ଧାନ ଫସଲରେ ଅଧିକ କ୍ଷତି କରୁଥିବା ପୋକ ମାନଙ୍କ ମଧ୍ୟରେ ମାଟିଆଗୁଣ୍ଡି ପୋକ ପ୍ରଥମ ଅଟେ। ଏହା ଏକ ଶୋଷକ ଶ୍ରେଣୀୟ ପୋକ ଅଟେ। ଆମ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହା ଯଥାକ୍ରମେ ଜଉପୋକ, ଗୁଣ୍ଡିପୋକ ଓ ଚକଡା ପୋକ ନାମରେ ପ୍ରସିଦ୍ଧ ଅର୍ଜନ କରିଛି। ଏହାର ବୈଜ୍ଞାନିକ ନାମ ନୀଳପର୍ବତ ଲୁଜେନସ୍ ଓ ଇଂରାଜୀ ନାମ ବ୍ରାଉନ ପାଣ୍ଟ ହପର ଅଟେ।

ଏହା ଏକ ଶୋଷକ ଶ୍ରେଣୀୟ ପୋକ ଅଟେ। ଏହା ଦେଖିବାକୁ ଇଷତ୍ ମାଟିଆ ରଙ୍ଗର ଏବଂ ୩ ରୁ ୪ ମିଲି ଲମ୍ବ ଅଟେ। ଉଭୟ ବୟସ୍କ ଏବଂ ଅର୍ଭକ ପୋକ ଧାନଗଛର ମୂଳରେ ମେଞ୍ଚା ମେଞ୍ଚା ହୋଇ ଲାଗିରହି ବୁଦାର ମୂଳ ଭାଗରୁ ରସ ଶୋଷି ଖାଇଥାନ୍ତି। ଏଣୁ ଉଭୟ ପୂର୍ଣ୍ଣାଙ୍ଗ ଏବଂ ଅର୍ଭକ ଧାନଫସଲ ପାଇଁ କ୍ଷତିକାରକ ଅଟନ୍ତି। ଏମାନେ ପୁର୍ଣ୍ଣାଙ୍ଗ ପୋକ ପ୍ରଥମେ ଧାନବୁଦାର ମୂଳରେ ଲାଗିରହି କାଣ୍ଡର ଉପର ଅଂଶର ଆବରଣ ବା Phaem ମଧ୍ୟରୁ ରସ ଶୋଷି ଖାଇଥାନ୍ତି ଓ ଗୋଟିଏ ମା ପୋକ ପ୍ରାୟ ୨୦୦ ରୁ ଅଧିକ ଅଣ୍ଡା ଦେଇଥାଏ। ଏହି ଅଣ୍ଡାରୁ ୮-୧୦ ଦିନରେ ଛୁଆ ବାହାରିଥାନ୍ତି ଏବଂ ଉଭୟ ବୟସ୍କ ଏବଂ ଅର୍ଭକ ପୋକ ଅଧିକ ସଂଖ୍ୟାରେ ଆସି ଫସଲରୁ ରସ ଶୋଷି ଖାଇବା ଦ୍ୱାରା ପଛରେ ପ୍ରବାହିତ ହେଉଥିବା ପୋଷକ ତତ୍ତ୍ୱ ସଂଚାଳନରେ ବାଧା ସୃଷ୍ଟି ହୋଇଥାଏ। ଫଳରେ ଆକ୍ରାନ୍ତ ବୁଦା ଗୁଡିକ ଦୁର୍ବଳ ହୋଇ ପ୍ରଥମେ ହଳଦିଆ ପଡିଯାଏ ଏବଂ ବିଲରେ ପାଣିଥିଲେ ମଧ୍ୟ ଧିରେ ଧିରେ ଶୁଖିଯାଇ ନଡା ବା ପାଳରେ ପରିଣତ ହୋଇଥାଏ। ଏହି ମଳା ଗୁଡିକ ଧିରେ ଧିରେ ଯୋଡି ହୋଇ ପୁରା କିଆରୀରେ ଚକଡା ଚକଡା ଆକାରର ଶୁଖିଯାଏ ଏବଂ ପୁରା କିଆରୀଟି ଜଳିଗଲା ଭଳି ଦେଖାଯାଏ। ଏହାକୁ "ହପର ବର୍ଣ୍ଣ" ବୋଲି କୁହାଯାଏ ଏବଂ ଅଳ୍ପ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହୋଇଯାଇଥାଏ। ଏହାର ଲକ୍ଷଣ ଚକଡା ଚକଡା ହୋଇ ବିଲରେ ଦେଖାଯାଉଥିବାରୁ ଏହାକୁ ଚକଡା ପୋକ ବୋଲି ମଧ୍ୟ କୁହାଯାଏ। ବେଳେବେଳେ ଏହି ପୋକ ଦୁଇଟି ମାରାତ୍ମକ ଭୁତାଣୁ ଜନିତ ରୋଗ ଯଥା "Grassy Stunt" ଓ "Rice Pagged stunt" କୁ ସଂକ୍ରାମିତ କରିଥାଏ।

ଖରିଫ ଧାନ କ୍ଷୀର ଢ଼ୋକିକା ଅବସ୍ଥାରେ ଏବଂ ଡାଲୁଆ ଧାନ ପିଲ ଦେବା

ଅବସ୍ଥାରେ ଏହି ପୋକ ମୁଖ୍ୟତ ଲାଗିଥାଏ । ଅତ୍ୟଧିକ ଆର୍ଦ୍ରତା ସହ ୨୮-୩୦ ସେଲସିୟସ୍ ଉତ୍ତାପ ଏହି ପୋକର ବଂଶ ବିସ୍ତାରରେ ସାହାଯ୍ୟ କରେ । ଠିଆ ପାଣି, ଅତ୍ୟଧିକ ଯବକ୍ଷାରଜାନ ସାରର ପ୍ରୟୋଗ ଓ ଅଧିକ ଘଞ୍ଚ ଗଛ ସଂଖ୍ୟାଥିବା କ୍ଷେତରେ ଏମାନେ ଶୀଘ୍ର ବଢ଼ିଥାନ୍ତି ଏବଂ ବେଳେବେଳେ ସମ୍ପୂର୍ଣ୍ଣ ଫସଲ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଥାଏ ।

ଏଣୁ ପ୍ରତି ସପ୍ତାହରେ ଫସଲକୁ ଭଲଭାବରେ ସର୍ବେକ୍ଷଣ କରି ଖରିଫ ଧାନରେ ବୁଦା ପ୍ରତି ୧୦ଟି କିମ୍ବା ଏହାଠାରୁ ଅଧିକ ପୁର୍ଣ୍ଣାଙ୍ଗ ପୋକ ଦେଖାଦେଲେ କିମ୍ବା ରବି ଧାନରେ ପିଲ ଦେବା ଅବସ୍ଥାରେ ୫ଟିରୁ ଅଧିକ ପୂର୍ଣ୍ଣାଙ୍ଗ ପୋକ ବା ୧୦ଟିରୁ ଅଧିକ ଅର୍ଭକ ପୋକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଗୁଡିକୁ ଅବଲମ୍ବନ କରନ୍ତୁ ।

(୧) ଆକ୍ରାନ୍ତ ଜମିରୁ ଠିଆ ପାଣି ନିଷ୍କାସନ କରନ୍ତୁ ।

(୨) ଫସଲ ଯଦି କ୍ଷୀର ଢ଼ୋକିବା ଅବସ୍ଥାରେ ଥାଏ ତେବେ ଅଦଳବଦଳ କରି ଜଳ ସେଚନ କରନ୍ତୁ ।

(୩) ପ୍ରତି ୫ ରୁ ୬ ଘଣ୍ଟା ଅନ୍ତରରେ ବା ୮ ରୁ ୧୦ଟି ଧାଡି ମଧ୍ୟରେ ୨ ରୁ ୩ଟି ଧାଡି ନ ରୋଇ ଛାଡି ଦିଅନ୍ତୁ । ଏହାଦ୍ୱାରା ବୁଦାମୁଳକୁ ସୂର୍ଯ୍ୟାଲୋକ ଏବଂ ବାୟୁ ଚଳାଚଳ ହୋଇଥାଏ ।

(୪) ମାଟିଆ ଗୁଣ୍ଡି ସଂକ୍ରମିତ ଜମିରେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ ।

(୫) ରାତିରେ ଆଲୋକ ଯନ୍ତା ବ୍ୟବହାର କରନ୍ତୁ ।

(୬) ନିମ୍ବତେଲ ପ୍ରୟୋଗ କରିବା ଭୁଲନ୍ତୁ ନାହିଁ ।

(୭) ଧାନ ଫସଲ ଅମଳ ଉପଯୋଗୀ ହୋଇଥିଲେ କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ ।

(୮) କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି କରି ଗଛକୁ ଦୁଇ ପାଖକୁ ନୁଆଁଇ ମୁଳ ପାଖରେ କୀଟନାଶକ ପ୍ରୟୋଗ କରନ୍ତୁ ।

(୯) ବିନା ଅନୁମୋଦିତ କୀଟନାଶକ ଆଦୌ ପ୍ରୟୋଗ କରନ୍ତୁ ନାହିଁ ।

(୧୦) ନିଶ୍ଚିତ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ ।

(୧୧) ଏକାଧିକ କୀଟନାଶକକୁ ମିଶ୍ରଣ କରି ପ୍ରୟୋଗ କରନ୍ତୁ ।

(୧୨) ଗୋଟିଏ କୀଟନାଶକୁ ବାରମ୍ବାର ପ୍ରୟୋଗ କରନ୍ତୁ ନାହିଁ ।

(୧୩) ଦରକାର ପଡିଲେ ୭-୧୦ ଦିନ ଅନ୍ତରରେ ନିମ୍ନଲିଖିତ, କୀଟନାଶକ ଗୁଡିକୁ ପରିବର୍ତ୍ତନ କରି ପ୍ରୟୋଗ କରନ୍ତୁ ।

| କୀଟନାଶକର ନାମ | ଏକର ପ୍ରତି |
|---|---|
| ଡାଇନୋଟେଫ୍ୟୁରାନ୍ ୨୦% ଏସ.ଜି. - | ୮୦ ଗ୍ରାମ୍ |
| ଫ୍ଲୋନିକାମାଇଡ୍ ୫୦% ଡବ୍ଲୁ.ଜି - | ୬୦ ଗ୍ରାମ୍ |
| ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ବି - | ୧୨୦ ଗ୍ରାମ୍ |
| (ବୁପ୍ରୋଫେଜିନ୍ ୧୫% + ଏସିଫେଟ ୩୫%) ୫୦ % ଡବ୍ଲୁ.ପି. - | ୫୦୦ ଗ୍ରାମ |
| ଥାଓମିଥୋକ୍ସାମ୍ ୨୫% ଡବ୍ଲୁ.ଜି. - | ୫୦ ଗ୍ରାମ୍ |
| (ଏଥିପ୍ରୋଲ ୪୦% + ଇମିଡାକ୍ଲୋପ୍ରିଡ୍ ୪୦%) - ୮୦% ଡବ୍ଲୁ.ଡି.ଜି. - | ୫୦ ଗ୍ରାମ୍ |

**ବି.ଦ୍ର.:**

(୧) ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦାମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ।

(୨) ଅନୁମୋଦିତ ମାତ୍ରାର କୀଟନାଶକକୁ ହସ୍ତଚାଳିତ ସିଞ୍ଚନ ଯନ୍ତ୍ର ଦ୍ଵରା ଏକର ପ୍ରତି ୨୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

(୩) ଟାଣଖରା ସମୟରେ ସିଞ୍ଚନ ନକରି ସବୁବେଳେ ସକାଳ କିମ୍ଵା ଉପରବେଳା ସିଞ୍ଚନ କରନ୍ତୁ ।


**ଅଧିକ ବିବରଣୀ ପାଇଁ ଯୋଗାଯୋଗ :**

**କୃଷି ବିଜ୍ଞାନ କେନ୍ଦ୍ର, ପୁରୀ**

ପୋ: ସାକ୍ଷିଗୋପାଳ, ପିନ୍ : ୭୫୨୦୧୪

ଫୋନ୍ ନଂ: ୦୬୭୫୨-୨୭୩୯୬୦